## ସଂକ୍ଷେପରେ

### ନାବାଳକଙ୍କ ସହ ଅପ୍ରାକୃତିକ ଯୌନକ୍ରିୟା, ଯୁବକ ଗିରଫ

ଅନୁଗୋଳ ଅଫିସ, ୧୨।୧-ଅନୁଗୋଳ ଜିଲା ରଙ୍ଗାସିଂହା ଗ୍ରାମରେ ଜଣେ ନାବାଳକ (୮ବର୍ଷ) ଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି ହେମନ୍ତ ଦାସ(୨୬)। ପୋଲିସ ତାଙ୍କ ବିରୋଧରେ ନଂ. ୪୭/୨୦ରେ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଶନିବାର ସନ୍ଧ୍ୟାରେ ନାବାଳକ ଜଣଙ୍କ ତାଙ୍କ ବଡ଼ ବାପାଙ୍କ ଘରୁ ଫେରୁଥିଲେ। ଏହି ସମୟରେ ହେମନ୍ତ ତାଙ୍କୁ ପ୍ରଲୋଭିତ କରି ଅନୈତିକ ସମ୍ପର୍କ ରଖିଥିଲେ। ଘଟଣା ପ୍ରଘଟ ନ କରିବାକୁ ଧମକାଇଥିଲେ। ଘରକୁ ଫେରି ନାବାଳକ ଜଣଙ୍କ ସବୁ କଥା କହିବା ପରେ ଘଟଣା ପଦାକୁ ଆସିଥିଲା। ଏ ନେଇ ତାଙ୍କ ମା' ଶନିବାର ରାତିରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରିବା ପରେ ସେ ସତ ମାନିଯାଇଥିବା ପୋଲିସ କହିଛି। ତଦନ୍ତକାରୀ ଅଧିକାରୀ ଜମୁନା ମାରାଣ୍ଡି ତଦନ୍ତ ଚଳାଇଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଆଲୋଚନାଚକ୍ର

ମାଧପୁର, ୧୨।୧-ଆଠମଲ୍ଲିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଏକ ଆଲୋଚନାଚକ୍ର ମାଳିପଦର ଆମ୍ବ ବଗିଚାଠାରେ ଅନୁଷ୍ଠିତ ହୋଇଛି। ଏଥିରେ ୭୦ ଜଣ ସଦସ୍ୟ ଯୋଗଦେଇଥିଲେ। ଆଲୋଚନା ସଭାରେ ସଭାପତି ବୀରେନ୍ଦ୍ର ମିଶ୍ର, ସମ୍ପାଦକ ନନ୍ଦ କିଶୋର ମହାକୁଡ଼, ଉପ ସଭାପତି ପୀତାମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଠମଲ୍ଲିକ ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସହ ସମ୍ପାଦକ ଦୁଃଖବନ୍ଧୁ ସାହୁ, ସଭ୍ୟ ଧର୍ମରାଜ ସାହୁ, ରହମାନ ଖାଁ, ଗିରିଜା ଶଙ୍କର ରଥ, ଶ୍ରୀନିବାସ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ସଡ଼କ ସୁରକ୍ଷା ସପ୍ତାହ ପାଳିତ

ତାଳଚେର, ୧୨।୧(ନି.ପ୍ର.)-ତାଳଚେର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୩୧ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ଏକ ସଚେତନତା ରଥ ସହରରେ ସଚେତନତା ସୃଷ୍ଟି କରିଥିଲା। ଆରଟିଓ ସମରେନ୍ଦ୍ର ପଟ୍ଟନାୟକ, ଏମ୍‌ଭିଆଇ ବିପିନି ବିହାରୀ ଦାସ, ଟି.ଏସ. ମୁକେଶ କୁମାର ମିଶ୍ର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍କୁଲ କଲେଜର ଛାତ୍ରୀଛାତ୍ର, ବିଭିନ୍ନ ସଙ୍ଗଠନ ସଦସ୍ୟ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ବଣ୍ଡରପାଳ, ୧୨।୧(ଡି.ଏନ.ଏ.)-ବଣ୍ଡରପାଳ ଆଶାଟକିଜ୍‌ର ଏକ ରୁମ୍‌ରୁ ରବିବାର ରାତିରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଜିତେନ୍ଦ୍ର ମିଶ୍ର (୩୦)। ଜିତେନ୍ଦ୍ର ଟାଟାଷ୍ଟିଲରେ କାର୍ଯ୍ୟ କରନ୍ତି। କୌଣସି କାରଣରୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

■ବିନା ସରକାରୀ ସହାୟତାରେ ବି ସଫଳ

# ନେଟ୍ ପହଞ୍ଚାଇଛି ଟପ୍‌ରେ

(ଦିନେଶ ଦେହୁରୀ)
ବନ୍ତଳା, ୧୨।୧



ଧାଡ଼ି ରୁଆ ବିଲାତି କିଆରିରେ ଚାଷୀ ଭାବଗ୍ରାହୀ ଦେହୁରୀ।

- ■୮ ଏକରରେ ୨୦ ପ୍ରକାରର ଚାଷ କରିଛନ୍ତି ଭାବଗ୍ରାହୀ
- ■'ବ୍ରୋକଲି' ଦେଖିବାକୁ ୨୦୧୭ରେ ଆସିଥିଲେ ଜିଲାପାଳ, ସଚିବ
- ■ଅଞ୍ଚଳର ଅନ୍ୟ ଚାଷୀଙ୍କ ପାଇଁ ସାଜିଛନ୍ତି ପ୍ରେରଣାର ଉତ୍ସ

ଶିକ୍ଷିତ ନୁହନ୍ତି କି ସରକାରଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ବି ପାଇନାହାନ୍ତି। ତଥାପି ଆଧୁନିକ ଚାଷ କ୍ଷେତ୍ରରେ ଜିଲାର ଟପ୍‌ରେ ପହଞ୍ଚିପାରିଛନ୍ତି ଅନୁଗୋଳ ଜିଲା ବନ୍ତଳା ଥାନା ପୋକଡୁଙ୍ଗା ଗ୍ରାମର ଭାବଗ୍ରାହୀ ଦେହୁରୀ(୪୭)। ନିଷ୍ଠା ଓ କଠିନ ପରିଶ୍ରମ ସହ ଇଣ୍ଟରନେଟ୍‌ରୁ ଶିକ୍ଷା ନେଇ ସେ ପାଇଛନ୍ତି ଏପରି ସଫଳତା। ତାଙ୍କ ଆଧୁନିକ ଚାଷ ପ୍ରଣାଳୀର ଚର୍ଚ୍ଚା ଏତେ ଯେ ତାହା ଦେଖିବାକୁ ୨୦୧୭ରେ ତତ୍କାଳୀନ ଅନୁଗୋଳ ଜିଲାପାଳ ଓ କୃଷି ବିଭାଗ ସଚିବ ମଧ୍ୟ ପହଞ୍ଚି ଯାଇଥିଲେ ଭାବଗ୍ରାହୀଙ୍କ ଜମି ନିକଟରେ।

ବାପାଙ୍କ ସହ ପିଲାବେଳୁ କୃଷି କ୍ଷେତ୍ରକୁ ଓହ୍ଲାଇଥିବା ଭାବଗ୍ରାହୀ ଦୀର୍ଘ ୧୫ ବର୍ଷ ହେବ ଉନ୍ନତ ପ୍ରଣାଳୀ ଆପଣାଇବାକୁ ଉଦ୍ୟମ କରିଆସିଛନ୍ତି। ପ୍ରଥମେ ସେ ଦଶ ଗୁଣ୍ଠ ଜମିରେ କଦଳୀ, ବିଲାତି ଓ ବାଇଗଣ ଚାଷ କରିଥିଲେ। ୮୦ ହଜାର ଟଙ୍କା ଲାଭ ପାଇବା ପରେ ପରବର୍ଷ ୨ ଏକର ଜମିରେ ସେହି ଫସଲ କରିଥିଲେ। ୨୦୧୫ରେ ୪ ଏକର, ୨୦୧୭ରେ ୬ ଏକର ଓ ଚଳତବର୍ଷ ୮ ଏକରରେ କଦଳୀ, ବାଇଗଣ, ବିଲାତି, କୋବି, ଧାନ, ଅଦା, ପୋଟଳ, ରସୁଣ, ପିଆଜ, ସୋରିଶ, ବିରି, ରାଶି, ହରଡ଼, ଗୁଆଁର, ଆଳୁ, ଶାଗ ଆଦି ୨୦ରୁ ଊର୍ଦ୍ଧ୍ୱ ପ୍ରକାରର ଚାଷ କରିଛନ୍ତି। ଅତୀତରେ ସେ ଉଦ୍ୟାନ ବିଭାଗର ସହଯୋଗ ଲୋଡ଼ିଥିଲେ। କିନ୍ତୁ କୌଣସି ପ୍ରକାର ସହାୟତା ନ ମିଳିବାରୁ ବାଧ୍ୟ ହୋଇ ସେ ଟିଭିରେ ବିଭିନ୍ନ କୃଷି କାର୍ଯ୍ୟକ୍ରମ ଓ ମୋବାଇଲରେ ଇଣ୍ଟରନେଟ୍ ସର୍ଚ୍ଚ କରି ଉନ୍ନତମାନର ଚାଷ କାର୍ଯ୍ୟ ସମ୍ପର୍କରେ ଜାଣିବାକୁ ପାଇଲେ। ୫ ବର୍ଷ ହେଲା ନିଜେ ଜୈବିକ ସାର ପ୍ରସ୍ତୁତ କରି ଜମିରୁ ଭଲ ଫସଲ ଅମଳ କରୁଛନ୍ତି। ୨୦୧୭ରେ କୋଡିଏ ଗୁଣ୍ଠ ଜାଗାରେ ସେ ୪ ହଜାର ବ୍ରୋକଲି (ନୀଳ କୋବି) ଚାରା ଲଗାଇଥିଲେ। ଜିଲାରେ ପ୍ରଥମ କରି ସେ ଏହି ଚାଷ କରିଥିବାରୁ ତାହା ଦେଖି ତତ୍କାଳୀନ ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ ଓ କୃଷି ବିଭାଗର ସଚିବ ଖୁସି ହୋଇଯାଇଥିଲେ। କଦଳୀ ଫସଲ ଭିତରେ ଅଦା, ବିଲାତି ଭିତରେ ବିନ୍ସ, ଭେଣ୍ଡି ଭିତରେ ମୂଳା, ବିଟ ଓ ଗାଜର ଆଦି ଅନ୍ତଃ ଚାଷ ସେ ଲଗାତାର କରିଆସୁଛନ୍ତି। ଏକାବେଳେ କୁଇଣ୍ଟାଲ କୁଇଣ୍ଟାଲ ଅଦା ଅମଳ କରୁଛନ୍ତି। କିନ୍ତୁ ତାହାକୁ ସଂରକ୍ଷିତ ରଖିବାର ବ୍ୟବସ୍ଥା ଜିଲାରେ ନ ଥିବାରୁ ଅଧିକାଂଶ ସମୟ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଚଳିତବର୍ଷ କୋଡିଏ ଗୁଣ୍ଠ ଜାଗାରେ ଧାଡି ରୁଆ ବିଲାତି କରିଛନ୍ତି। ଭଲ ଅମଳ ତଥା ଗଛକୁ ସିଧା ରଖିବା ପାଇଁ ବାଉଁଶମୂଳି, ଏକ କୁଇଣ୍ଟାଲ ଜିଆଇ ତାର ଓ ତିରିଶ କେଜି ସୁତୁଲି ବ୍ୟବହାର କରିଛନ୍ତି। ଏହି ସ୍ୱତନ୍ତ୍ର ପଦ୍ଧତି ଦେଖିବା ପାଇଁ ଦୈନିକ ବହୁ ସଂଖ୍ୟାରେ ଚାଷୀ ତାଙ୍କ ଜମି ନିକଟକୁ ଆସୁଛନ୍ତି। ଏଥିସହ ଅଢ଼େଇ ଏକରରେ କଦଳୀ, ଦଶ ଗୁଣ୍ଠରେ ଅଦା, ଦୁଇ ଏକରରେ ବିଲାତି, ତିରିଶ ଗୁଣ୍ଠରେ ବାଇଗଣ, ଦଶ ଗୁଣ୍ଠରେ ପୋଟଳ, ଦୁଇ ଗୁଣ୍ଠରେ ରସୁଣ, ପନ୍ଦର ଗୁଣ୍ଠରେ ରାଶି, ପନ୍ଦର ଗୁଣ୍ଠରେ ବିରି, ଚାରି ଗୁଣ୍ଠରେ ମୁଗ, ଦଶ ଗୁଣ୍ଠରେ ହରଡ଼, କୋଡିଏ ଗୁଣ୍ଠରେ ସୋରିଶ, କୋଡିଏ ଗୁଣ୍ଠରେ କୋବି, ନଅ ଗୁଣ୍ଠରେ ଭେଣ୍ଡି, ଆଠ ଗୁଣ୍ଠରେ ବିନ୍ସ, ତିନି ଗୁଣ୍ଠରେ ଆଳୁ ଲଗାଇଛନ୍ତି। ଏଥିପାଇଁ ଦୈନିକ ୬ ଜଣ ଶ୍ରମିକଙ୍କ ସହ ସ୍ତ୍ରୀ ଓ ନିଜେ ଖଟୁଛନ୍ତି। ଚାଷରୁ ମିଳୁଥିବା ଲାଭରୁ ସେ ପାୱାର ଉଇଡର, ସ୍ପ୍ରେୟର ମେଶିନ, ସ୍ପ୍ରିଙ୍କଲର ପାଇପ ଆଦି କିଣିଛନ୍ତି। ଭଡ଼ାରେ ବୋରୱେଲ ସହ ଟ୍ରାକ୍ଟର ଓ ପାୱାର ଟିଲର ଆଣିଛନ୍ତି। ୫ ଲକ୍ଷ ଟଙ୍କା ଦେଇ ଜମି କିଣିବା ସହ ବ୍ୟାଙ୍କରେ ଅର୍ଥ ମଧ୍ୟ ସଞ୍ଚୟ କରିଛନ୍ତି। ଦୁଇ ଝିଅ ଓ ପୁଅଙ୍କୁ ଉଚ୍ଚଶିକ୍ଷିତ କରିପାରିଛନ୍ତି। ୟୁକୋ ଓ ସେବା ସମବାୟ ବ୍ୟାଙ୍କରୁ ୬୦ ହଜାର ଟଙ୍କା ଲେଖାଏ ଋଣ ଆଣି ପ୍ରତିବର୍ଷ ତାହାକୁ ରେନୁଆଲ କରୁଛନ୍ତି। ବର୍ଷକୁ ୧୨ରୁ ୧୫ ଲକ୍ଷ ଟଙ୍କାର ଫସଲ ସେ ବିକ୍ରି କରୁଛନ୍ତି। ଚାଷ ଓ ଚାଷୀଙ୍କ ପାଇଁ ସରକାର ନାନା ଯୋଜନା କରିଥିଲେ ବି ତାଙ୍କୁ ସେପରି କୌଣସି ସାହାଯ୍ୟ ସହଯୋଗ କୃଷି କି ଉଦ୍ୟାନ କାର୍ଯ୍ୟାଳୟ ପକ୍ଷରୁ ମିଳୁନାହିଁ। ଅନେକ ସମୟରେ ଅମଳ ଫସଲ ଖୋଲା ଆକାଶ ତଳେ ପଡି ନଷ୍ଟ ହେଉଥିବାରୁ ସେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିଲେ ବି ପ୍ରଶାସନ କିଛି ପଦକ୍ଷେପ ନେଉ ନ ଥିବା ଭାବଗ୍ରାହୀ ପ୍ରକାଶ କରିଛନ୍ତି। ଏ ବିଷୟରେ ପୋକଡୁଙ୍ଗାର ଚାଷୀ ନିରୋଦ ସାହୁ, ସୁରେଶ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ପ୍ରଶ୍ନ ଦେହୁରୀ, ପ୍ରଶ୍ନ ପ୍ରଧାନ, ସରୋଜ ସାହୁ ପ୍ରମୁଖ କୁହନ୍ତି, ଭାବଗ୍ରାହୀ ନୂତନ ପଦ୍ଧତିରେ ଚାଷ କରି ଅନେକ ସଫଳତା ପାଇଛନ୍ତି। ଅନ୍ୟ ଚାଷୀମାନେ ତାଙ୍କଠାରୁ ପ୍ରେରଣା ପାଉଛନ୍ତି। ବ୍ରୋକଲି ଓ ଧାଡ଼ି ବିଲାତି ଚାଷ ପୂର୍ବରୁ କେବେ ଆମେ ଦେଖି ନ ଥିଲୁ।

ଏ ସମ୍ପର୍କରେ ଅନୁଗୋଳ ଉଦ୍ୟାନ ବିଭାଗ ଡେପୁଟି ଡାଇରେକ୍ଟର ପଦ୍ମଲୋଚନ ଦାସ କହିଛନ୍ତି, ଉକ୍ତ ଅଞ୍ଚଳ ଦାୟିତ୍ୱରେ ଯେଉଁ କର୍ମଚାରୀ ଥିଲେ ତାଙ୍କର ବଦଳି ହୋଇଯାଇଛି। ତେଣୁ ଭାବଗ୍ରାହୀଙ୍କ ସହିତ ସେ ନିଜେ ଯୋଗାଯୋଗ କରି କିପରି ସରକାରୀ ସହାୟତା ତାଙ୍କୁ ମିଳିପାରିବ ତାହାର ବ୍ୟବସ୍ଥା କରିବେ। ଅଧା ଏକର ବିଲାତି କିମ୍ବା ଅଦା ଚାଷ କରିଥିଲେ ୫୦ ଭାଗ ସବ୍‌ସିଡି ମିଳିବାର ନିୟମ ରହିଛି। ଏଥିପାଇଁ ଭାବଗ୍ରାହୀ ଆବେଦନ କଲେ ସବ୍‌ସିଡି ପାଇପାରିବେ ବୋଲି ଦାସ ପ୍ରକାଶ କରିଛନ୍ତି।



କଦଳୀ ଫସଲ ମଧ୍ୟରେ ହୋଇଥିବା ଅଦା ଚାଷ।

■ନାଲ୍‌କୋ ଏସ୍‌ସିଏସଟି କର୍ମଚାରୀ କଲ୍ୟାଣ ସଂଘ ନିର୍ବାଚନ

### କେଦାର ସଭାପତି, ବନବିହାରୀ ସମ୍ପାଦକ



ବଣ୍ଡରପାଳ, ୧୨।୧(ଡି.ଏନ.ଏ.)

ନାଲ୍‌କୋ ଏସ୍‌ସିଏସଟି କର୍ମଚାରୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ୩୩ ଜଣ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚନରେ ସାମିଲ ହୋଇ ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରିଥିଲେ। ସଭାପତି ଭାବେ କେଦାରନାଥ ଦେହୁରୀ, ସାଧାରଣ ସମ୍ପାଦକ ବନବିହାରୀ ନାୟକ, ଉପସଭାପତି ଭାସ୍କର ନାୟକ, ଛବୀନ୍ଦ୍ର ଭୋଇ, ସାଙ୍ଗଠନିକ ସମ୍ପାଦକ ଅକ୍ଷୟ କୁମାର ବାକ୍ରା, ନିର୍ମଳ କୁମାର ସିଂ, କୋଷାଧ୍ୟକ୍ଷ ଦେବେନ୍ଦ୍ର ଓରାମ, ସହକୋଷାଧ୍ୟକ୍ଷ ଭାବେ ଗୋପୀନାଥ ହେସା ନିର୍ବାଚିତ ହୋଇଛନ୍ତି। ନାରାୟଣ ସେଠୀ, ବିକ୍ରମ ହାଂସଦା, ଦିବାକର ନାୟକ, ଅମୀୟ ପ୍ରଧାନ, ପଞ୍ଚାନନ ସେଠୀ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ।

### ଗୋଣ୍ଡ ସମାଜର ବୈଠକ

ବଇଣ୍ଡା, ୧୨।୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ମିଣ୍ଡୋଳ ଗ୍ରାମରେ ରବିବାର ଗୋଣ୍ଡ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁଧିଷ୍ଠିର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଖମାର ପୁଞ୍ଜି ସଭାପତି ମାଗୁଣିଚରଣ ନାୟକ, ଆଠମଲ୍ଲିକ କେନ୍ଦ୍ରୀୟ ସଭାପତି ସନାତନ ନାୟକ, ଯୁଧିଷ୍ଠିର ନାୟକ, ବାବୁଲି ନାୟକ, ଯଦୁମଣି ନାୟକ, ବିଦେଶୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମାଜର ନୀତିନିୟମ ସମ୍ପର୍କରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ଏକାଠି ହୋଇ କାମ କରିବାକୁ ନିଷ୍ପତ୍ତି ନିଆଯାଇଛି।

■ଅଲଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସ ସମ୍ମିଳନୀ

## ଟ୍ରାନ୍ସପୋର୍ଟରଙ୍କ ସମସ୍ୟା ଉପରେ ଗୁରୁତ୍ୱ




ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

ତାଳଚେର, ୧୨।୧(ନି.ପ୍ର.)

ସର୍ବଭାରତୀୟ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସର ଇଷ୍ଟ ଜୋନ୍ ସମ୍ମିଳନୀ ତାଳଚେରସ୍ଥିତ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଲ୍‌ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସର ଜାତୀୟ ସଭାପତି କୁଲତରନ ସିଂ ଅଟୱାଲ ଯୋଗଦେଇ କହିଲେ, ସମ୍ପ୍ରତି ଟ୍ରାନ୍ସପୋର୍ଟରମାନେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। ସରକାର ସେମାନଙ୍କୁ ଅବହେଳା କରୁଛନ୍ତି। ଗତଥର ଆନ୍ଦୋଳନ ସମୟରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ପାଳନ କରାଯାଇନାହିଁ। ବର୍ତ୍ତମାନ ପରିବହନ କ୍ଷେତ୍ରରେ ଦେବାଳିଆ ପରିସ୍ଥିତି ଦେଖାଦେଇଛି। ଏହି କାରଣରୁ ୪୦% ଟ୍ରାନ୍ସପୋର୍ଟର କାମରୁ ବିରତ ହୋଇସାରିଲେଣି। ସରକାର ଆବଶ୍ୟକ ପଦକ୍ଷେପ ନ ହେଲେ ପରିବହନକାରୀ ଆହୁରି ଅଧିକ କ୍ଷତି ସହିବେ ବୋଲି ଘଟୱାଲ କହିଥିଲେ। ଇଷ୍ଟଜୋନ୍ ଉପସଭାପତି ରବି ଶତପଥୀ କହିଲେ, ଓଡ଼ିଶାରେ ଫାଇନ ଆଦାୟ ଆଳରେ ପୋଲିସ କର୍ମଚାରୀ, ପରିବହନ କର୍ମଚାରୀଙ୍କ ଜୁଲମ ବଢ଼ିଚାଲିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ଟ୍ରକ୍ ଭଡ଼ା ଧାର୍ଯ୍ୟ କରୁନାହାନ୍ତି। ତେଣୁ ଟ୍ରକର ସର୍ବନିମ୍ନ ଭଡ଼ା ମିଳୁ ନ ଥିବା ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ପ୍ରଣବ କୁମାର ପରିଜା, ତାଳଚେର ଟ୍ରକ୍‌ମାଲିକ ସଂଘର ଦିଲୀପ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସଙ୍ଗଠନର ସଭାପତି, ସମ୍ପାଦକ ଏବଂ ବିଭିନ୍ନ ଜିଲାର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବହୁ ଟ୍ରାନ୍ସପୋର୍ଟରମାନେ ଯୋଗ ଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ।

## ହଣ୍ଡପା ଚାମ୍ପିୟନ

ବଇଣ୍ଡା, ୧୨।୧(ଡି.ଏନ.ଏ.)



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ପାପସରା ଗ୍ରାମ ଖେଳ ପଡ଼ିଆରେ ଚାଲିଥିବା ପାପସରା କପ୍ କ୍ରିକେଟ୍ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ପାପସରା କ୍ଲବକୁ ହରାଇ ହଣ୍ଡପା ଚାମ୍ପିୟନ ହୋଇଛି। ପ୍ରଥମେ ପାପସରା ବ୍ୟାଟିଂ କରି ୮୯ ରନ କରିଥିଲା। ଜବାବରେ ହଣ୍ଡପା ୯୦ ରନ କରି ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର ଧ୍ରୁବଚରଣ ସାହୁ 'ମ୍ୟାନ ଅଫ ଦି ମ୍ୟାଚ୍' ଏବଂ ପାପସରାର ଜ୍ଞାନରଞ୍ଜନ ସାହୁ 'ମ୍ୟାନ ଅଫ ଦି ସିରିଜ' ବିବେଚିତ ହୋଇଥିଲେ। ବାଳକୃଷ୍ଣ ସ୍ୱାଇଁ, ସ୍ୱାଧୀନ ପ୍ରସାଦ ମ୍ୟାଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ନେତ୍ରୀ ଲୀନା ସାଏ, ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟକାନ୍ତ ପ୍ରଧାନ, ସମିତିସଭ୍ୟା ସଙ୍ଗୀତା ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ସୁମିତ ପ୍ରଧାନ, ରଞ୍ଜିତା ସାହୁ, ବିଭୁଦତ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଏକତା ପାଇଁ ଗଣଦୌଡ଼

ଅନୁଗୋଳ ଅଫିସ, ୧୨।୧




ଗଣଦୌଡ଼ ଅବସରରେ ଉପସ୍ଥିତ ସଙ୍ଗଠନର ସଦସ୍ୟମାନେ।

ବିବେକାନନ୍ଦ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଅନୁଗୋଳ ଜିଲା ସତ୍ୟସାଇ ସଙ୍ଗଠନ ପକ୍ଷରୁ ରବିବାର ଏକତା ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଜିଲା ସତ୍ୟସାଇ ସଙ୍ଗଠନ ସଭାପତି ଦୁର୍ଗାପ୍ରସନ୍ନ ରଥ, ଡାକ୍ତର ଦେବାଶିଷ ପ୍ରଧାନ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ।

ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇଥିବା ଗଣଦୌଡ଼ ବିଜୁ ମଇଦାନଠାରେ ଶେଷ ହୋଇଥିଲା। ବିଜୁ ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଉପସ୍ଥିତ ରହି ବିବେକାନନ୍ଦଙ୍କ ନୀତିଆଦର୍ଶର ସ୍ମୃତିଚାରଣ କରିଥିଲେ। ଯୁବବର୍ଗମାନେ ସତ୍‌ମାର୍ଗକୁ ଅନୁସରଣ କଲେ ପଥଚ୍ୟୁତ ହେବେ ନାହିଁ ବୋଲି ସେ ପରାମର୍ଶ ଦେଇଥିଲେ।

ବୃନ୍ଦାବନ ସ୍ୱାଇଁ, ଦେବାଶିଷ ପଟ୍ଟନାୟକ, ମନୋଜ ପଣ୍ଡା, ସଞ୍ଜୀବ ଦେହୁରୀ, ସୁଶାନ୍ତ ତ୍ରିପାଠୀ, ପ୍ରକାଶ ଧର, ବିରଞ୍ଚି ଦାସ, ସଞ୍ଜୟ ସାହୁ, ଅରୁଣ ପାଳ, ବାବୁଲାଲ ଦାଶ, ରଞ୍ଜନ ବେହେରା, ବିମଳ ଧର, ସଂଗ୍ରାମ ନାୟକ, ବିରଞ୍ଚି ଦାସ, ଛାତ୍ରନେତା ପରମାନନ୍ଦ ନାୟକ, ବିକ୍ରମ ନାଏକ, ଡ. ଦେବାଶିଷ ତ୍ରିପାଠୀ, ଶକ୍ତି ସାହୁ, ଚିନ୍ମୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟସାଇ ସଙ୍ଗଠନ, ଅନୁଗୋଳ ସାନ୍ଧ୍ୟ କଲେଜ, ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଛାତ୍ରମାନେ ଏଥିରେ ଯୋଗଦେଇଥିଲେ। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୧୨।୧



ସମୀକ୍ଷା ବୈଠକରେ ଉପବାଚସ୍ପତିଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଜିଲାର ସହରାଞ୍ଚଳର ପାନୀୟ ଜଳ ଯୋଗାଣ, ଆବର୍ଜନ ପରିଚାଳନା, ମୋ ଜାଗା ମିଶନ, ଭେଣ୍ଡିଂଜୋନ ବ୍ୟବସ୍ଥା ନେଇ ରବିବାର ପୂର୍ବାହ୍ନରେ ସର୍କିଟ ହାଉସ୍‌ରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂ ଯୋଗଦେଇ ଅନୁଗୋଳ, ତାଳଚେର ପୌରାଞ୍ଚଳ ସମେତ ଆଠମଲ୍ଲିକ ଏସ୍‌ଏସିର ବିଭିନ୍ନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଅନୁଗୋଳ ପୌରାଞ୍ଚଳ ପାଇଁ ଦୈନିକ ୭.୪ ମିଲିୟନ ଲିଟର ପାଣିର ଆବଶ୍ୟକତା ରହିଛି। ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୭.୨ ମିଲିୟନ ଲିଟର ପାଣି ଯୋଗାଇ ଦିଆଯାଉଛି। ସେହିପରି ତାଳଚେର ପାଇଁ ୭.୧ ମିଲିୟନ ଲିଟର ସ୍ଥାନରେ ୭ ମିଲିୟନ ଲିଟର ଆଠମଲ୍ଲିକ ଏନ୍‌ଏସି ପାଇଁ ୨ ମିଲିୟନ ଲିଟର ସ୍ଥାନରେ ୧.୯ ମିଲିୟନ ଲିଟର ପାଣି ଉପଲବ୍ଧ ହେଉଛି। ଚଳିତ ବର୍ଷ ସହରାଞ୍ଚଳର ସବୁ ଘରକୁ ଜଳ ସଂଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପାଣିର ଅପବ୍ୟବହାରକୁ ରୋକିବା ପାଇଁ ସ୍କ୍ୱାଡ୍ ଗଠନ କରାଯିବ। ସବୁ ଘରକୁ ଆବଶ୍ୟକ ପରିମାଣ ଜଳ ଯୋଗାଣ ହେବ। ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ପମ୍ପ ଚଲାଇବାରୁ ନିବୃତ୍ତ ନ ରହିଲେ ସଂଯୋଗ କାଟି ଦିଆଯିବ। ସେହିପରି ଅଳିଆ ଆବର୍ଜନା ନିଷ୍କାସନ ସହ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ପରାମର୍ଶ ଦିଆଯାଇଛି। ପୋଲିସ ସହାୟତାରେ ଏକ ତଦାରଖ ଦଳ ଗଠନ କରି ପଲିଥିନ ବିକୁଥିବା ଦୋକାନ ଉପରେ ଚଢ଼ାଉ କରିବା ସହ କେବୁଲ ଟିଭି ମାଧ୍ୟମରେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆବର୍ଜନା ନିଷ୍କାସନ ପାଇଁ ପ୍ରତି ପୌରାଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଥିବା ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରର କାର୍ଯ୍ୟକାରିତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବାକୁ ଉପବାଚସ୍ପତି ପରାମର୍ଶ ଦେଇଛନ୍ତି।

ଜାଗା ମିଶନରେ ବସ୍ତି ବାସିନ୍ଦାମାନଙ୍କୁ ୩୨୩ ସ୍କୋୟାର ଫୁଟ ଜାଗା ମାଗଣାରେ ପ୍ରଦାନ କରାଯାଉଛି। ଏହାବ୍ୟତୀତ ଭେଣ୍ଡିଂ ଜୋନ, ସହରାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ସମ୍ପର୍କରେ ଉପବାଚସ୍ପତି ସମୀକ୍ଷା କରିଥିଲେ। ସହରର ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲାପାଳ ମନୋଜ କୁମାର ମହାନ୍ତି, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର କାର୍ଯ୍ୟକର୍ତ୍ତା, ୩ ସହରାଞ୍ଚଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଇଣ୍ଡା, ୧୨।୧(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ସାପଘରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର, ଗୁଣ୍ଡୁରୀଖଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରମଣି କଅଁର, ବଡ଼ବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପେଡ଼ିପଥର, ଟାପଢୋଲ, ପାଇକସାହି ଓ ଘୋଡ଼ାବାନ୍ଧୁଣୀ କ୍ଲଷ୍ଟର ତରଫରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶିକ୍ଷକ ଗୋକୁଳାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଇଓ ପ୍ରଦୀପ କୁମାର ରଥ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ଦଣ୍ଡଧର ନାୟକ, ସିଆରସିସି ବନମାଳୀ ମାଝି, ରବୀନ୍ଦ୍ର ବେହେରା, ଗ୍ରାମ ସଭାପତି ଅନିରୁଦ୍ଧ ସାହୁ, କୈବଲ୍ୟ କଅଁର, ବିଜୟ ନାୟକ, ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଉମାକାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ସୁନେତ୍ର ଯୋଜନାରେ ଚକ୍ଷୁ ପରୀକ୍ଷା ଶିବିର

ପବିତ୍ରନଗର,୧୨।୧(ଡି.ଏନ.ଏ.)- କଣିହାଁ ବ୍ଲକ ପବିତ୍ରନଗର ହାଇସ୍କୁଲଠାରେ ଶୁକ୍ରବାର ବ୍ଲକ ଶିକ୍ଷା ବିଭାଗ ତରଫରୁ ସରକାରଙ୍କ ସୁନେତ୍ର ଯୋଜନାରେ ଏକଦିବସୀୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ବିଦ୍ୟାଳୟର ଦୃଷ୍ଟିଗତ ସମସ୍ୟା ଥିବା ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ଚଷମା ଆବଶ୍ୟକ କରୁଥିବା ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇଥିଲା। ଏହି ଅବସରରେ ବ୍ଲକର ୨ ନମ୍ବର ସର୍କଲର ସମସ୍ତ ବିଦ୍ୟାଳୟରୁ ପୂର୍ବରୁ ଚିହ୍ନଟ ହୋଇଥିବା ୨୦୦ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୨ ଜଣଙ୍କ ଚଷମା ବ୍ୟବହାର ନିମନ୍ତେ ନିର୍ଦ୍ଧାରଣ ହୋଇଥିବା କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷା ବିଭାଗ ବିଆର୍‌ସିସି ମଙ୍ଗୁଲୁ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ବିଆରଟି ସାଗରିକା ଜଗଦେବ, ସିଆରସିସି ବରୁଣ କୁମାର ରାଜ, ଶିକ୍ଷକ ବାବୁଲା ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

**କଣିହାଁ, ୧୨।୧(ଡି.ଏନ.ଏ.)**



ଏମ୍‌ପି ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ରେଙ୍ଗାଳି ଡ୍ୟାମ ସାଇଟ ଥାନା ଅଞ୍ଚଳକୁ ଶନିବାର ଏମପି ମହେଶ ସାହୁ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏଥିସହ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏମ୍‌ପି ରେଙ୍ଗାଳି ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ, ସରପଞ୍ଚଙ୍କ ବିଶ୍ରାମ ପ୍ରକୋଷ୍ଠ, ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, କୁଲୁମା ପଞ୍ଚାୟତ ଚିତ୍ତବିନୋଦନ କେନ୍ଦ୍ର, ଖ୍ରିଣ୍ଡୋ ମାର୍କେଟ କମ୍ପ୍ଲେକ୍ସ, କୋଠ ଘର, ନୀଳାପଶି ଗୋଷ୍ଠୀକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିସହ ରେଙ୍ଗାଳି କଲ୍ୟାଣ ମଣ୍ଡପ, କୁଲୁମା ମାର୍କେଟ କମ୍ପ୍ଲେକ୍ସ, ତେଲିପଶି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ରବିଚନ୍ଦ୍ର ହାଇସ୍କୁଲ ଫାଟକ ଏବଂ ପାଚେରି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ସେ ଜନସାଧାରଣଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ସମସ୍ୟା ପଚାରି ବୁଝିଥିଲେ। ଅଧ୍ୟକ୍ଷା ନମିତା ସାହୁ, ସରପଞ୍ଚ ରଶ୍ମିତା ସେଠୀ, ନିଶାକର ବିଶ୍ୱାଳ, ସମିତିସଭ୍ୟା ରୀନା ପାତ୍ର, ବାସନ୍ତୀ ପ୍ରଧାନ, ନାଏବ ସରପଞ୍ଚ ମନୋରମା ପ୍ରଧାନ, ବୀଣାପାଣି ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସୁନୀଲ ପ୍ରଧାନ, ନିର୍ମଳ ସାହୁ, ଶଶିଶେଖର ସିଂ, ଶୁରେଶ ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଏହି ପରିପ୍ରେକ୍ଷୀରେ ଏମ୍‌ପି ନୀଳାପଶି ରବିଚନ୍ଦ୍ର ହାଇସ୍କୁଲରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା, ଏବିଡିଓ ରାହାସ ଚନ୍ଦ୍ର ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ବାରିକଙ୍କ ସଭାପତିତ୍ୱରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବସନ୍ତ ସାହୁ ଅତିଥି ପରିଚୟ ଏବଂ ଅନନ୍ତ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୋଳ ଡାକ ବିଭାଗର ପ୍ରଦର୍ଶନୀ କ୍ରିକେଟ ମ୍ୟାଚ

**ଅନୁଗୋଳ ଅଫିସ, ୧୨।୧**

ଅନୁଗୋଳ ଡାକ ବିଭାଗ ପକ୍ଷରୁ ସ୍ଥାନୀୟ ରାଜକିଶୋରପଡ଼ାସ୍ଥିତ ଶିବା ପଡ଼ିଆରେ ରବିବାର ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଗୋଳ ପିଆର୍‌ସି ୱାରିୟର୍ସ ଏବଂ ଟାଇଟାନ୍ସ ଅଫ୍ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଢେଙ୍କାନାଳ ବ୍ୟାଟିଂ କରି ୮୮ ରନ୍ କରିଥିଲା। ଜବାବରେ ଅନୁଗୋଳ ନିର୍ଦ୍ଧାରିତ ଓଭରରେ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଜଗନ୍ ବେହେରା 'ମ୍ୟାନ୍ ଅଫ୍ ଦି ମ୍ୟାଚ' ଏବଂ ଢେଙ୍କାନାଳର ସଞ୍ଜୟ ବେହେରା ବେଷ୍ଟ ବୋଲର ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ଡାକ ବିଭାଗ ଅଧିକାରୀ ସଞ୍ଜିତ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଡାକମଣ୍ଡଳର ସହ ଅଧୀକ୍ଷକ ଭାଗ୍ୟଧର ଦାସ ଉପସ୍ଥିତ ରହି ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

### ■ବଅଁରପାଳ ପୋଲିସ ଜାଲରେ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ

# କାର୍, ଲୁଟ୍ ସାମଗ୍ରୀ ଜବତ



**ଅନୁଗୋଳ ଅଫିସ, ୧୨।୧**

ଅନୁଗୋଳ ଜିଲା ବଅଁରପାଳ ପୋଲିସ ହାତରେ ଧରାପଡ଼ିଛନ୍ତି ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୫ ସଦସ୍ୟ। ସେମାନେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲାର ଟାଟା ନୋନିଆ (୨୭), କୀର୍ତ୍ତନ ନୋନିଆ (୪୦), ଝାଡ଼ଖଣ୍ଡ ସାହେବ୍‌ଗଞ୍ଜ ଜିଲାର ଚନ୍ଦନ ମାଥୋ (୨୨)। ଅନ୍ୟ ଦୁଇଜଣ ନାବାଳକ। ସେମାନଙ୍କ ବୟସ ୧୨ ବର୍ଷ ମଧ୍ୟରେ ହେବ ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ କାର୍, ୮ ମୋବାଇଲ, ଛୁରି, ୩୫ ହଜାର ଟଙ୍କା, ସୁନାମୁଦି ଜବତ କରାଯାଇଥିବା ଥାନାଧିକାରୀ ସୁନୀଲ କୁମାର କର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୧୦ ସନ୍ଧ୍ୟାରେ ତଳମୂଳ ଗ୍ରାମର ଚିତ୍ତରଞ୍ଜନ ଧଳବିଶୋଇ ମହୀଧରପୁର ଛକରୁ ଘରକୁ ଫେରୁଥିବାବେଳେ ତଳମୂଳ କଲେଜ ନିକଟରେ ସମ୍ପୃକ୍ତ ଲୁଟେରା ଗ୍ୟାଙ୍ଗର ଶିକାର ହୋଇଥିଲେ। ଏ ନେଇ ଥାନାରେ ନଂ. ୧୧/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଲୁଟେରା ଗ୍ୟାଙ୍ଗର କାର୍ଯ୍ୟକଳାପ ଉପରେ ନଜର ରଖିଥିଲା। ଏହାପରେ ସେମାନେ ଗିରଫ ହୋଇଛନ୍ତି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଥ୍ୟ ହାସଲ କରିବାକୁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ସ୍ୱରାଜ ଗ୍ରାମୋଦ୍ୟୋଗ ହାଟ ଉଦ୍‌ଘାଟିତ



ଉଦଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଅନୁଗୋଳ ଅଫିସ, ୧୨।୧**

ଅନୁଗୋଳ ସରକାରୀ ହାଇସ୍କୁଲ ପଡ଼ିଆରେ ରବିବାର ସନ୍ଧ୍ୟାରେ ୫ମ ସ୍ୱରାଜ ଗ୍ରାମୋଦ୍ୟୋଗ ହାଟ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ବାର୍ ଆସୋସିଏଶନ୍‌ର ପୂର୍ବତନ ସଭାପତି ଦିଲୀପ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ହାଟର ମୁଖ୍ୟ ଉପଦେଷ୍ଟା ସାମାଜିକ କର୍ମୀ ପର୍ଶୁରାମ ଦାସ, ସଂଯୋଜକ ଆଦ୍ୟଶ୍ଳୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ସଙ୍ଗୀତ ସାଧନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଦସ୍ୟ ନିରୋଦ କୁମାର ସାହୁ ଅତିଥି ପରିଚୟ ଦେଇଥିଲେ। ଏହି ହାଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ହାଟରେ ବିଭିନ୍ନ ହସ୍ତତନ୍ତ, କୁଟୀରଶିଳ୍ପ, ବୈଦ୍ୟୁତିକ ସାମଗ୍ରୀ, ଘରୋଇ ଉପକରଣ, ଖଦିବସ୍ତ୍ର ବିକ୍ରି ହେବ। ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ବିଦ୍ୟାଧର ନାୟକ, ରାକେଶ ପଣ୍ଡା, ରୁଦ୍ରମୋହନ ଶତପଥୀ, ବ୍ରହ୍ମତିକା ପାଣି, ରାକେଶ ପରିଡ଼ା, ମିଳନ ମଞ୍ଜରୀ ଚୌହାନ ସହଯୋଗ କରିଥିଲେ। ସଦସ୍ୟ ସୂର୍ଯ୍ୟନାରାୟଣ ନାଥ ଧନ୍ୟବାଦ ଦେଇଥିଲେ।

### ■ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରା

# ବାଜି ରାଉତ ଛାତ୍ରାବାସରୁ ବାହାରିଲେ ଅଭିଯାତ୍ରୀ ଦଳ

**ଅନୁଗୋଳ ଅଫିସ, ୧୨।୧**



ବାଜିରାଉତ ଛାତ୍ରାବାସରେ ଉପସ୍ଥିତ ଅଭିଯାତ୍ରୀ ଦଳ।

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଯୁବା ସଙ୍ଗଠନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ରାଜୀବ ଗାନ୍ଧୀ ଫାଉଣ୍ଡେଶନ, ଉତ୍କଳ ଖଦିମଣ୍ଡଳ, ବାଜି ରାଉତ ଛାତ୍ରାବାସ ପକ୍ଷରୁ ଜାନୁୟାରୀ ୧୩ରୁ ୩୦ ପର୍ଯ୍ୟନ୍ତ ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ବାଜି ରାଉତ ଛାତ୍ରାବାସରୁ ରବିବାର ଅଭିଯାତ୍ରୀ ଦଳ ଝାରସୁଗୁଡ଼ା ଅଭିମୁଖେ ବାହାରିଛନ୍ତି। ଏହି ଯାତ୍ରା ଝାରସୁଗୁଡ଼ାରୁ ଆରମ୍ଭ ହୋଇ ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋ ଯାଏ ଚାଲିବ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସ ଏହାକୁ ଶୁଭାରମ୍ଭ କରି କହିଲେ, ଗାନ୍ଧୀ ଏବଂ ଗୋପବନ୍ଧୁ ହେଉଛନ୍ତି ସଦ୍‌ଭାବନାର ପ୍ରତୀକ। ରାଜ୍ୟରେ ଭାଇଚାରା ପ୍ରତିଷ୍ଠା କରିବା ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ନିଶାକର କହିଛନ୍ତି।

କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧି ଟ୍ରଷ୍ଟି ଡ. ବିଶ୍ୱଜିତ୍, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ରାଷ୍ଟ୍ର ସମିତି ସଦସ୍ୟ ରଣଜିତ ଦେହୁରୀ, ରାଷ୍ଟ୍ରୀୟ ଯୁବ ସଙ୍ଗଠନ ରାଜ୍ୟ ସଂଯୋଜକ ସୂର୍ଯ୍ୟନାରାୟଣ ନାଥ, ମାନସ ପଟ୍ଟନାୟକ, ଅଲିଭା ଦାସ, ଅରବିନ୍ଦ ସାଗର, ତ୍ରିଲୋଚନ ବିକ୍ରମ ପ୍ରମୁଖ ଏହି ଅଭିଯାତ୍ରୀ ଦଳରେ ସାମିଲ ହୋଇଛନ୍ତି। ଇଂ. ଧନେଶ୍ୱର ସାହୁ, ପାବକ କାନୁନ୍‌ଗୋ, ଅମ୍ଳାନ ମହାନ୍ତି, ସରସ୍ୱତୀ ସ୍ୱାଇଁ, କୈଳାସ ସାହୁ, ଭାବଗ୍ରାହୀ ନାୟକ, ଦିଲୀପ ଦାସ ପ୍ରମୁଖ ଅଭିଯାତ୍ରୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ଅନୁଗୋଳ ଅଫିସ, ୧୨।୧**



ଅନୁଗୋଳସ୍ଥିତ କଦମ ପଡ଼ିଆଠାରେ ମର୍ଣ୍ଣିଂ ଷ୍ଟାର ପକ୍ଷରୁ ୪ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ମ୍ୟାଚ୍ ୟୁନିଟ୍-୬ ଏବଂ ବଜାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ୟୁନିଟ୍-୬ ବ୍ୟାଟିଂ କରି ୧୫ ଓଭରରେ ୧୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ବଜାର କ୍ରିକେଟ କ୍ଲବ ୧୨ ଓଭରରେ ବିନା କୌଣସି ଉଇକେଟ ହରାଇ ୧୧୦ ରନ୍ କରି ବିଜୟୀ ହୋଇଥିଲା। ବଜାର କ୍ରିକେଟ କ୍ଲବର ଚନ୍ଦୁ କୁମାର ସର୍ବାଧିକ ୮୫ ରନ ସଂଗ୍ରହ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ପ୍ରଭାତ ରଞ୍ଜନ ସିହ୍ନା, ସାଗରନାଥ ମିଶ୍ର, ପ୍ରଶାନ୍ତ ସିହ୍ନା, ବୀରେନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ମହେଶ୍ୱର ଡାକୁଆ ଧାରାବିବରଣୀ ଦାୟିତ୍ୱ ତୁଲାଇଥିଲେ। ସୋମବାର ଓଡ଼ିଶା ପୋଲିସ ଏବଂ ଭୂଷଣ ଇଲେଭେନ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ସବୀର ମେମୋରିଆଲ କପ ଉଦ୍‌ଘାଟିତ

**ବଇଣ୍ଡା,୧୨।୧(ଡି.ଏନ.ଏ.)**



ଉଦ୍‌ଘାଟନ ଉତ୍ସବରେ ଖେଳାଳିମାନେ ।

କିଶୋରନଗର ବ୍ଲକ ହିମିତିରା ଗ୍ରାମ ଖେଳପଡ଼ିଆରେ ରବିବାର ସବୀର ମେମୋରିଆଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଜୁନା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ତରଣୀସେନ ସାହୁ, ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ। ପ୍ରଥମ ଦିନ ଅନୁଷ୍ଠିତ ୪ ମ୍ୟାଚରେ ଦାଦରପାଲି, ଗଦାଧରପୁର, ଧଉରପାଳ, ହିମିତିରା ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଦାଦରପାଲି ୧୭୧ ରନ କରିଥିବାବେଳେ ଘୋଷର ୭୧ ରନ କରି ପରାସ୍ତ ହୋଇଥିଲା। ୨ୟ ମ୍ୟାଚରେ ଅମ୍ବପାଳ ୯୨ ରନ କରିଥିବାବେଳେ ଗଦାଧରପୁର ୯୩ ରନ କରି ବିଜୟୀ ହୋଇଥିଲା। ୩ୟ ମ୍ୟାଚରେ ଅଙ୍ଗପଡ଼ା ୯୫ ରନ କରିଥିବାବେଳେ ଧଉରପାଳ ୯୬ ରନ କରି ବିଜୟୀ ହୋଇଥିଲା। ୪ର୍ଥ ମ୍ୟାଚରେ ହିମିତିରା ୧୨୮ ରନ କରିଥିବାବେଳେ ଦୋହଲୀ ୬୦ ରନ କରି ପରାସ୍ତ ହୋଇଥିଲା। ଆଲୋକ ପ୍ରଧାନ, ଚିନ୍ମୟୀ ଦେହୁରି, ପ୍ରବୀଣ ସାହୁ, ଆଦିତ୍ୟ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ।

# ତାଳଚେର ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ପାଲଲହଡା,୧୨।୧(ଡି.ଏନ.ଏ.)**

ପାଲଲହଡ଼ା ଷ୍ଟାଡିୟମରେ ୟୁଥ ଫର ପାଲଲହଡା କ୍ଲବ ଅନୁକୂଲ୍ୟରେ ଚାଲିଥିବା ପ୍ରଥମ ଚ୍ୟାଲେଞ୍ଜର୍ସ କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାଉରକେଲା ଏକାଦଶକୁ ହରାଇ ଫ୍ରେଣ୍ଡ୍ସ କ୍ଲବ ତାଳଚେର ଚାମ୍ପିୟନ ହୋଇଛି। ରାଉରକେଲା ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୮୪ ରନ କରିଥିଲା। ଜବାବରେ ଫ୍ରେଣ୍ଡ୍ସ କ୍ଲବ ତାଳଚେର ୧୮୫ ରନ କରି ଚାମ୍ପିୟନ ହୋଇଥିଲା। ତାଳଚେରର ମଣିକାନ୍ତ ରାଉତ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଜିଲା ପରିଷଦ ସଭ୍ୟ ସରୋଜ କୁମାର ସାହୁ, ପାଲଲହଡ଼ା ରାଜା ସାହେବ ବାଳକୃଷ୍ଣ ପାଲ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ରଞ୍ଜିତ କୁମାର ସାମଲ, ମାଧବ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ୟୁଥ ଫର ପାଲଲହଡା କ୍ଲବ ଅଧ୍ୟକ୍ଷ ଦୁର୍ଜୟ କୁମାର ଗଡନାୟକ, ସଭାପତି ବିଷ୍ଣୁପ୍ରସାଦ ବେହେରା, ସମ୍ପାଦକ ଦିବ୍ୟକିଶୋର ଗଡନାୟକ, ଦିଗାମ୍ବର ଗଡନାୟକ, ଉପସଭାପତି ସନ୍ତୋଷ କୁମାର ପାଣି ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆ ବିଭାଗର ଆଲୋଚନାଚକ୍ର

**ବନ୍ତଳା, ୧୨।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଯୁକ୍ତ ୩ ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟ ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ଶୁକ୍ରବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନମୋହନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ କଲେଜର ପୂର୍ବତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ବିଭାଗ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଯୁକ୍ତ ୩ ଓଡ଼ିଆ ବିଭାଗର ଏଚ୍‌ଓଡି ରସାନନ୍ଦ ମହାପାତ୍ର ପରିଚାଳନା କରିଥିଲେ। ପାଠଚକ୍ରର ସମ୍ପାଦକ ସୁମନ ଦେହୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ସୁନୀଲ କୁମାର ସାହୁ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଆନନ୍ଦକ୍ରିଷ୍ଟା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଓଡ଼ିଆ ଅଧ୍ୟାପିକା ଜ୍ୟୋତିର୍ମୟୀ ବିଶ୍ୱାଳ, ସୁଶୀଳ ସାହୁ, ସୁମନ ଦେହୁରୀ, ଦିବ୍ୟରଞ୍ଜନ ସାହୁ, ସିପୁନ ଦେହୁରୀ, ସୁଶ୍ରୀତା ସାହୁ, ସୋନାଲି ଜେନା, ମୋନାଲିସା ବେହେରା, ଗଣପତି ପ୍ରଧାନ, ଦୀନେଶ ସାହୁ, ସାଗର ବେହେରା, ରନି ସାହୁଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଆଧାପିକାଅଧାପକ ସହଯୋଗ କରିଥିଲେ।

# ଭଦ୍ରକ ରେଲୱେ ଚାମ୍ପିୟନ

**ପବିତ୍ରନଗର, ୧୨।୧(ଡି.ଏନ.ଏ.)**



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମ୍‌ରେ ଚାଲିଥିବା ପବିତ୍ରନଗର କପ-୨୦୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସମ୍ବଲପୁର ଏମ୍‌ସିସିକୁ ହରାଇ ଭଦ୍ରକ ରେଲୱେ

**ପବିତ୍ରନଗର କପ**

ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଏମପି ମହେଶ ସାହୁ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

ସମ୍ବଲପୁର ଏମସିସି ପ୍ରଥମେ ବ୍ୟାଟିଂ କରି ୨୧୭ ରନ କରିଥିଲା। ଜବାବରେ ଭଦ୍ରକ ନିର୍ଦ୍ଧାରିତ ଓଭରରେ ଆବଶ୍ୟକ ରନ୍ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳର ସାହିଲ ଖାନ୍ 'ମ୍ୟାନ ଅଫ ଦି ମ୍ୟାଚ' ଏବଂ ଜ୍ୟୋତିରଞ୍ଜନ ମହାରଣା 'ମ୍ୟାନ ଅଫ ଦି ସିରିଜ' ବିବେଚିତ ହୋଇଥିଲେ। ସମ୍ବଲପୁର ଟିମର ପିଣ୍ଟୁ ବେହେରା ବେଷ୍ଟ ବ୍ୟାଟ୍ସମ୍ୟାନ, ଆଶୁତୋଷ ଛୁରିଆ ବେଷ୍ଟ ବୋଲର ଭାବେ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା କରିଥିବା ସବ୍ୟସାଚୀ ଶାହା, ଜୟକୃଷ୍ଣ ରାଉତ, ଧାରାବିବରଣୀ ପ୍ରଦାନ କରିଥିବା ସୁବାସ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱେଚ୍ଛାସେବୀ ଭାବେ କ୍ଲବର ଜିତେନ୍ଦ୍ର ବିଶ୍ୱାଳ, ଲିପୁନ ପ୍ରଧାନ ପୁରସ୍କୃତ ହୋଇଥିଲେ।

ଏହି ଅବସରରେ କିଛି ଅସହାୟ ବ୍ୟକ୍ତିଙ୍କୁ କ୍ଲବ ତରଫରୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ସଭାରେ ମୁଖ୍ୟବକ୍ତା ଭାବେ ମାନସ ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପରାବିଲ ସରପଞ୍ଚ ବଂଶୀଧର ସାହୁ, ମେଡିକାଲ ଅଫିସର ଡାକ୍ତର ରୋଜାଲିନ ପଣ୍ଡା, କଲେଜ ଅଧ୍ୟକ୍ଷ ଧନେଶ୍ୱର ନାୟକ, ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା, ଶିକ୍ଷାବିତ ଲମ୍ବୋଦର ପ୍ରଧାନ ଯୋଗ ଦେଇଥିଲେ। ସଭାରେ କ୍ଲବ ସଭାପତି ଶାନ୍ତନୁ ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ରମାକାନ୍ତ ସାହ, ବ୍ରହ୍ମାନନ୍ଦ ପ୍ରଧାନ ସଭା ପରିଚାଳନା କରିଥିଲେ। କ୍ଲବର ସମ୍ପାଦକ ଦୁଷ୍ମନ୍ତ ସାହୁ, ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ସୋମବାର, ଜାନୁୟାରୀ ୧୩/୨୦୨୦ Dhenkanal, Monday , January 13 / 2020


## ସଂକ୍ଷେପରେ

### ୧୦୫ ୟୁନିଟ୍ ରକ୍ତ ସଂଗ୍ରହ



**ଢେଙ୍କାନାଳ ଅଫିସ, ୧୨।୧**

ଢେଙ୍କାନାଳ ସାଇ ସତ୍‌ସଙ୍ଗ ଅନୁଷ୍ଠାନ ପକ୍ଷରୁ ଜାତୀୟ ଯୁବ ଦିବସ ଅବସରରେ ରବିବାର ସ୍ଥାନୀୟ ବାଣିଜ୍ୟ ଓ ଶିଳ୍ପ ଅନୁଷ୍ଠାନ ସଭାଗୃହରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ଏହାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଶିବିରରେ ୧୦୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ରକ୍ତଦାତାଙ୍କୁ ସ୍ୱାଗତ କରାଯାଇଥିଲା। ଜିଲା ରକ୍ତଭଣ୍ଡାର ପକ୍ଷରୁ ଡ. ଜୟନାରାୟଣ ପାଢ଼ୀ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ଷ୍ଟାଫ୍‌ନର୍ସ ମାଳତିଲତା ନାୟକ, ରାକେଶ ବେହେରା, ଅଜୟ ସ୍ୱାଇଁ, ବରୁଣ ସାହୁ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

### ଅଟୋରିକ୍ସା ଓଲଟି ଚାଳକ ଗୁରୁତର

**କାମାକ୍ଷାନଗର, ୧୨।୧(ଡି.ଏନ.ଏ.)**

କାମାକ୍ଷାନଗର ଥାନା ମହୁଲପାଳ ପଞ୍ଚାୟତ ଜଡ଼ାପାଳ ଛକରେ ରବିବାର ସନ୍ଧ୍ୟାରେ ଏକ ଅଟୋରିକ୍ସା ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଗାଡ଼ି ଡ୍ରାଇଭର ସୁମନ୍ତ କୁମାର ଦେହୁରୀ (୩୨) ଗୁରୁତର ହୋଇଛନ୍ତି। ତାଙ୍କ ଘର କାଦୁଆ ପଞ୍ଚାୟତ ଭଗୀରଥପୁର ଗ୍ରାମରେ। ସେ ଢେଙ୍କାନାଳରୁ ଘରକୁ ଫେରିବା ବାଟରେ ଏହି ଦୁର୍ଘଟଣା ଘଟିଥିଲା।

### ପୂର୍ତ୍ତ ବିଭାଗ ସମ୍ପ୍ରସାରଣ ଗୃହ ଲୋକାର୍ପିତ

**ଭୁବନ,୧୨।୧(ଡି.ଏନ.ଏ.)**

ଭୁବନ ପୂର୍ତ୍ତ ବିଭାଗ ଡାକବଙ୍ଗଳାର ସମ୍ପ୍ରସାରଣ ଗୃହକୁ ରବିବାର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଏହି ନୂତନ କୋଠା ନିର୍ମାଣରେ ଖର୍ଚ୍ଚ ହୋଇଛି ୨୧ଲକ୍ଷ ୭୧ହଜାର ଟଙ୍କା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ସାମଲ, ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଉପନିର୍ବାହୀଯନ୍ତ୍ରୀ ପ୍ରତାପ କୁମାର ହରିପାଲ, ସହକାରୀ ଯନ୍ତ୍ରୀ ନିରଞ୍ଜନ ସ୍ୱାଇଁ, ସାମାଜିକ କର୍ମୀ ମାୟାଧର ପଣ୍ଡା, ନନ୍ଦକିଶୋର ସାହୁ, ସୁଧାକର ସାହୁଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ସିଏଏ ସମର୍ଥନରେ ଶୋଭାଯାତ୍ରା

**ଢେଙ୍କାନାଳ ଅଫିସ, ୧୨।୧**

ନାଗରିକତ୍ୱ ସଂଶୋଧନ ବିଲ୍(ସିଏଏ)କୁ ସମର୍ଥନ ଜଣାଇ ଢେଙ୍କାନାଳ ଜିଲା ଛାଟିଆ ଗ୍ରାମରେ ଶୁକ୍ରବାର ଓଡ଼ିଶା ଭୂମିହୀନ ପ୍ରଜା ସମିତିର ରାଜ୍ୟ ସଭାପତି ଇଂ. ଦେବାଶିଷ ହୋତାଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଆଇନ ପାକିସ୍ତାନ, ବାଂଲାଦେଶ ଏବଂ ଆଫ୍‌ଗାନିସ୍ତାନରେ ନିର୍ଯାତିତ ସଂଖ୍ୟାଲଘୁଙ୍କୁ ନ୍ୟାୟ ଦେବ। ଏହି ଆଇନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଲେଙ୍କା କହିଛନ୍ତି। ଏହି ଅବସରରେ ଗ୍ରାମରେ ଘର ଘର ବୁଲି ଲୋକଙ୍କୁ ସଚେତନ କରାଯାଇଥିଲା।

## ■ଆଖି ନ ଥାଇ ଜୀବନ ଯୁଦ୍ଧର ବିଜେତା କୀର୍ତ୍ତନ

# ୫ ପ୍ରାଣୀଙ୍କ ମୁହଁରେ ଫୁଟାଇଛନ୍ତି ହସ

**(ସୁଧୀର କୁମାର ପରିଡ଼ା)**
**କାମାକ୍ଷାନଗର, ୧୨।୧**

ଆଖି ନାହିଁ। ଦେଖିପାରନ୍ତିନି ଦୁନିଆକୁ। ହେଲେ ଏହି ଦୁଃଖ କେବେ ଆସିନି ତାଙ୍କ ଓଠ ପାଖକୁ। ଖୁସ୍ ମିଜାଜ ଆଉ ହସହସ ମୁହଁରେ କେଇ ମିନିଟ ଭିତରେ ଅପରିଚିତ ମଣିଷକୁ ନିଜର କରିପାରୁଥିବା ଜୀବନ ଯୁଦ୍ଧର ଏହି ବିଜେତା ଜଣକ ହେଲେ କୀର୍ତ୍ତନ ସେଠୀ। ଅଙ୍ଗାର ନିଆଁ, ଆଇରନ ବକ୍ସକୁ ସାଥୀ କରି ସେ କାନ୍ଧରେ ବୋହି ଚାଲିଛନ୍ତି ସଂସାରର ବୋଝ। କପଡ଼ାର ଭାଙ୍ଗକୁ କଡ଼ା ଆଇରନ୍ କରି ଚକ୍‌ଚକ୍ କରି ଦେଉଥିବା ଏହି ମଣିଷଙ୍କ ହାଡ଼ଭଙ୍ଗା ପରିଶ୍ରମ ଏବେ ୫ ପ୍ରାଣୀଙ୍କ ମୁହଁରେ ଫୁଟାଇଛି ହସ।

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିର ୧୨ନଂ. ୱାର୍ଡରେ ରୁହନ୍ତି କୀର୍ତ୍ତନ। ସ୍ତ୍ରୀ ଖୁଲଣା, ୩ ଝିଅ ଏବଂ ଏକମାତ୍ର ପୁଅ ରୁଦ୍ରଙ୍କୁ ନେଇ ତାଙ୍କ ପରିବାର। ଲୁଗାପଟା ଆଇରନ୍ କରି ଯାହା ମିଳେ ସେଥିରେ ବେଶ୍ ଖୁସିରେ ଚଳୁଥିଲା ସଂସାର। ହେଲେ ୨୦୦୭ରେ କୀର୍ତ୍ତନଙ୍କ ଜୀବନରେ ଘୋଟି ଆସିଲା କଳାବାଦଲ। ହସଖୁସିରେ ଯେମିତି ଲାଗିଗଲା କାହା ନଜର। ହଠାତ୍ ତାଙ୍କ ମୁଣ୍ଡ ଘୂରାଇଲା। କେଇଥର ବାନ୍ତି ହେଲା। ଏହାପରେ ହଠାତ୍ ତାଙ୍କୁ ଆଉକିଛି ଦେଖାଗଲାନାହିଁ। ସ୍ୱାମୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବାକୁ ଆପ୍ରାଣ ଉଦ୍ୟମ କଲେ ଖୁଲଣା। ଧାରଉଧାର କରି ଦୀର୍ଘ ୫ବର୍ଷ ରାଜ୍ୟ ସମେତ ରାଜ୍ୟ ବାହାରର ନାମୀଦାମୀ ଚକ୍ଷୁ ଚିକିତ୍ସାଳୟରେ ଚିକିତ୍ସା କରାଇଲେ। ଏଥିରେ ଖର୍ଚ୍ଚ ହେଲା ୫ ଲକ୍ଷ ଟଙ୍କା। ହେଲେ ସୁଫଳ ମିଳିଲାନି। ଦୁଇ ଆଖିକୁ ସବୁଦିନ ପାଇଁ ହରାଇଲେ କୀର୍ତ୍ତନ। ଦୁନିଆଯାକର ସୁନ୍ଦରତା ତାଙ୍କ ପାଇଁ ହୋଇଗଲା ପର। ଗୋଟିଏ ପଟେ ଆଖି ହରାଇବାର ଦୁଃଖ, ଆଉ ଗୋଟେ ପଟେ ପରିବାର ଚିନ୍ତା। ପୁଣି ଅଣ୍ଟା ଭିଡ଼ିଲେ କୀର୍ତ୍ତନ। ସବୁ କଷ୍ଟକୁ ପଛରେ ପକାଇ ହାତରେ ଧରିଲେ ଆଇରନ୍ ବକ୍ସ। କପଡ଼ାକୁ ନ ଦେଖି କେବଳ ଅନୁମାନ କରି ଆଇରନ କରିବା ବେଶ୍ କଷ୍ଟକର ଥିଲା। ଏଥିରେ କିଛିଦିନ ସ୍ତ୍ରୀ ଖୁଲଣା ଏବଂ ପୁଅ ରୁଦ୍ର ସହଯୋଗ କଲେ। ଏହାପରେ ଧୀରେ ଧୀରେ ସବୁକିଛି ସ୍ୱାଭାବିକ ହୋଇଯାଇଛି। କାମାକ୍ଷାନଗର ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଏବେ ବେଶ୍ ଚଳଚଞ୍ଚଳ କୀର୍ତ୍ତନଙ୍କ ଦୋକାନ।



କୀର୍ତ୍ତନ ସେଠୀ।

ନିଜର କର୍ମମୟ ଜୀବନ ସମ୍ପର୍କରେ କୀର୍ତ୍ତନ କୁହନ୍ତି, ସକାଳୁ ସଞ୍ଜଯାଏ ଖଟିଲେ ୧୫୦ରୁ ୩୦୦ ଟଙ୍କା ଯାଏ ରୋଜଗାର ହୁଏ। ୩ ଝିଅଙ୍କ ବିବାହ ସରିଛି। ନିଜ ଉଦ୍ୟମରେ ପୁଅକୁ ଯୁକ୍ତ ୩ ଯାଏ ପାଠ ପଢ଼ାଇପାରିଛି। ଈଶ୍ୱର ସିନା ଆଖି ନେଇଗଲେ, ହେଲେ ହାତ ଓ ଜୀବନ ଦେଇଛନ୍ତି। ସେଇଥିରେ ସବୁ ଚାଲିଛି। କେବେ କାହାକୁ ଠକିନାହିଁ। ଦୟାର ପାତ୍ର ହୋଇ ବଞ୍ଚିବାର ଆଶା ନାହିଁ। ଆଖି ହରାଇବା ପରେ ଯଦିଓ ବେପାର ଆଗଭଳି ହେଉନାହିଁ। ତଥାପି ସେ ବେଶ୍ ଖୁସି। ହାତ ଥିଲେ ଭାତର ଅଭାବ ରହିବ ନାହିଁ ବୋଲି କୀର୍ତ୍ତନ ଦୃଢ଼ତାର ସହ କହିଛନ୍ତି।

# ଜଳିଗଲା ୧୦ ଏକର ଆଖୁ ଫସଲ

**କାମାକ୍ଷାନଗର, ୧୨।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ହାତୁଆରୀ ଗ୍ରାମ ନିକଟରେ ରବିବାର ଅପରାହ୍ନରେ ନିଆଁ ଲାଗି ୧୦ ଚାଷୀଙ୍କ ୧୦ ଏକର ଆଖୁ ଫସଲ ପୋଡ଼ିଯାଇଛି। ନିଆଁର ପ୍ରକୋପରେ

■ବର୍ତ୍ତିଲାନି ଦମକଳ ଗାଡ଼ି
■ଚାଷୀ ମୁଣ୍ଡରେ ଚଡ଼କ

ଅଗ୍ନିଶମ ଗାଡ଼ି ମଧ୍ୟ ବର୍ତ୍ତିନାହିଁ। ଖବର ଲେଖାଯିବା ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇପାରିନାହିଁ। ଫଳରେ ଅବଶିଷ୍ଟ ୩୦ ଏକର ଫସଲ ଉପରେ ବିପଦ ଘନେଇବାରେ ଲାଗିଛି।

ଜମିରେ ନିଆଁ ଲାଗିଥିବା ଦେଖି ଚାଷୀମାନେ କାମାକ୍ଷାନଗର ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଘଟଣାସ୍ଥଳକୁ ଯାଇଥିବା ଅଗ୍ନିଶମ ବାହିନୀର ଗାଡ଼ି (ନଂ. ଓଡି ୩୩ ସି ୨୩୪୬) ଚକାରେ ନିଆଁ ଲାଗିଯାଇଥିଲା। ଫଳରେ ଜମିରେ ଲାଗିଥିବା ନିଆଁ ଲିଭାଇବାରେ ସମସ୍ୟା ଉପୁଜିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ରଙ୍ଗମାଟିଆ ଗ୍ରାମ ପାର୍ଶ୍ୱରୁ କୌଣସି କାରଣରୁ ନିଆଁ ଲାଗି ଭୟଙ୍କର ରୂପ ନେଇଥିଲା। ଚାଷୀମାନେ ଏକର ପ୍ରତି ୨୦ ହଜାର ଟଙ୍କା ହିସାବରେ ଲକ୍ଷେରୁ ଦେଢ଼ ଲକ୍ଷ ଟଙ୍କା ଯାଏ ଋଣ କରିଥିଲେ। ଆଖୁ ଅମଳ ହୋଇଥିଲେ ଏହାକୁ ଶକ୍ତି ସୁଗାର୍ସକୁ ବିକ୍ରିକରି ଋଣ ପରିଶୋଧ କରିବାକୁ ଯୋଜନା କରିଥିଲେ। ହେଲେ ଫସଲ ନଷ୍ଟ ହୋଇଯିବାରୁ କ୍ଷତିଗ୍ରସ୍ତ ଚାଷୀ ସରୋଜ ପଣ୍ଡା, ଦୁଷ୍ମନ୍ତ ମହାନ୍ତି, ଶ୍ରୀକର ମଳିକ, ବସନ୍ତ ମଳିକ, ଗୋବିନ୍ଦ ମଳିକ, ଖଗେଶ୍ୱର ମଳିକ, ନାରାୟଣ ପଣ୍ଡା, ପ୍ରଭାକର ପଣ୍ଡା, ଫଗୁନାଥ ଖୁଣ୍ଟିଆ, କେଶବ ବିହାରୀ, କୈଳାସ ପଣ୍ଡା, ରମେଶ ମଳିକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

ଏ ନେଇ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସରୋଜ ମହାପାତ୍ର କୁହନ୍ତି, ନିଆଁକୁ ଆୟତ୍ତକୁ ଆଣିବାକୁ ଉଦ୍ୟମ କରାଯାଉଛି। ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ଗାଡ଼ି ଚକା ପୋଡ଼ିଯାଇଥିବାରୁ ସମସ୍ୟା ହୋଇଥିଲା। ଅନ୍ୟ ଏକ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛି। ବରିଷ୍ଠ ଅଗ୍ନିକ ଅମରଜିତ ପ୍ରଧାନ, ଯୋଗେନ୍ଦ୍ର ସାହୁ ସହଯୋଗ କରିଥିଲେ।



ଆଖୁ ଜମିରେ ନିଆଁ ଲାଗିଛି।

### ଜଣେ ଅଟକ, ପଚରାଉଚୁରା ଜାରି

**ପରଜଙ୍ଗ, ୧୨।୧(ଡି.ଏନ.ଏ.)**

ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ପଙ୍ଗାତିରା ଗ୍ରାମର ଲଳିତ ସାହୁଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମିତା ସାହୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରାଜ୍ୟ ବାହାରୁ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଉଠାଇ ଆଣି ପଚରାଉଚୁରା କରୁଛି। ହେଲେ ସେ ମହିଳାଙ୍କ ସ୍ୱାମୀ ନା ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି ସେ ନେଇ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଏ ନେଇ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କୁହନ୍ତି, ଅଭିଯୁକ୍ତଙ୍କୁ ଧରିବାକୁ ଏକ ଟିମ୍

**ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ୍ୟୁ ଘଟଣା**

ଗଠନ କରାଯାଇଥିଲା। ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ହେଲେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଅଭିଯୁକ୍ତଙ୍କ ସମ୍ପର୍କରେ ଅଧିକ ସୂଚନା ଦେବାକୁ ପୋଲିସ ମନା କରିଦେଇଛି। ସୂଚନାଯୋଗ୍ୟ, ମିତା ସାହୁ ହତ୍ୟାକାଣ୍ଡ ପଛର କାରଣ ସ୍ୱାମୀଙ୍କ ପରକୀୟା ପ୍ରୀତି ବୋଲି ଅନୁମାନ କରାଯାଉଛି। ଏହାକୁ କେନ୍ଦ୍ର କରି ଉଭୟଙ୍କ ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହୋଇଥିଲା। ଗତ ସୋମବାର ବିଳମ୍ବିତ ରାତିରେ ଲଳିତ ଶ୍ୱଶୁର ଘରେ ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ମରଣାନ୍ତକ ଆକ୍ରମଣରେ ଶାଶୁ ଗୁରୁତର ହୋଇଥିଲେ। ଏ ନେଇ ନଂ. ୨/୨୦୨୦ ରେ ପରଜଙ୍ଗ ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି। ଥାନାଧିକାରୀ ବିଜୟ କୁମାର ହାଇବ୍ରୁ ଏହାର ତଦନ୍ତ କରୁଛନ୍ତି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବଇଣ୍ଡା, ୧୨।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ନାକିଚି ମାହେଶ୍ୱରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ନାକିଚି ଗ୍ରାମ୍ୟ ବ୍ୟାଙ୍କ ପରିଚାଳକ ମଣ୍ଟୁପ୍ରସାଦ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ୩୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆମ୍ବପାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରଶାନ୍ତ କୁମାର ଦିଆଣୀ, ଶିକ୍ଷକ ଅମରେନ୍ଦ୍ର ବଡ଼ମାଳୀ, ଶରତ ପ୍ରଧାନ, ଅକ୍ଷୟ ସାହୁ, ଅପରାଜିତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରିୟମ୍ବଦା ଦେହୁରୀ ଖେଳ ପରିଚାଳନା କରିଥିଲେ।

## ‘ଛାତ୍ର ଜୀବନରୁ ପଡ଼େ ଭବିଷ୍ୟତ ମୂଳଦୁଆ’



ବାର୍ଷିକ ଉତ୍ସବରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୨।୧**

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ମଠତେନ୍ତୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ପରିଷଦ ସଭାପତି ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ମୁଖ୍ୟବକ୍ତା ବିଇଓ ହୃଷୀକେଶ ବାରିକ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ସାମାଜିକ କର୍ମୀ ବିଶ୍ୱନାଥ ଜେନା, ସାମାଜିକ ଶିକ୍ଷା ଅଧିକାରୀ ନାରାୟଣ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଛାତ୍ର ଜୀବନରୁ ଭବିଷ୍ୟତର ମୂଳଦୁଆ ପଡ଼େ। ଛାତ୍ରୀଛାତ୍ରମାନେ ମହାମନୀଷୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଭବିଷ୍ୟତ ସୁନ୍ଦର ହୋଇପାରିବ ବୋଲି ବିଧାୟକ ଅଭିଭାଷଣରେ କହିଥିଲେ।

ପ୍ରଧାନ ଶିକ୍ଷକ ହରିହର ସାହୁ, ଯୁଗଳ କିଶୋର ସାହୁ, ଶିକ୍ଷକ ଗୌରହରି ଭୋଇ, ଗୋଲକ ବିହାରୀ ଲେଙ୍କା, ବୀଣାପାଣି ଦାସ, ଜ୍ୟୋତିର୍ମୟୀ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମୀର ରାଉତ, ଗଗନ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ■ପ୍ରତିଭା ମହୋତ୍ସବ-୨୦୨୦

# ‘ପ୍ରତିଭାର ସଦୁପଯୋଗ କର’



ପ୍ରତିଭା ମହୋତ୍ସବ ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୨।୧**

ଢେଙ୍କାନାଳ ସୂର୍ଯ୍ୟାଲୋକ ଫାଉଣ୍ଡେସନର ଦ୍ୱିତୀୟ ବାର୍ଷିକ ଉତ୍ସବ ତଥା ପ୍ରତିଭା ମହୋତ୍ସବ-୨୦୨୦ ରବିବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଏମ୍‌ପି ମହେଶ ସାହୁ ଏହାକୁ ଉଦ୍‌ଘାଟନ କରି କହିଲେ, କଳାକାରମାନେ ନିଜ ଭିତରେ ଥିବା ପ୍ରତିଭାର ସଦୁପଯୋଗ କରିପାରିଲେ ସେମାନଙ୍କୁ ସଫଳତା ମିଳିବ। ମୁଖ୍ୟବକ୍ତା ବିଧାୟକ ସୁଧୀର କୁମାର ସାମଲ କହିଲେ, ପିଲାମାନେ ଭଲ ମଣିଷ କରିବାରେ ମା’ବାପାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ବିବାଦୀୟ ବିଷୟରୁ ପିଲାମାନଙ୍କୁ ସର୍ବଦା ଦୂରେଇ ରଖିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ମାଇକ୍ରୋମିଡିଆ ନିର୍ଦ୍ଦେଶକ କବି ଅଥୟ କୁମାର ସାହୁ କହିଲେ, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଭା ଚୟନ ଯୋଗୁ ବହୁ କଳାକାର ଆଗକୁ ବଢ଼ିବାର ସୁଯୋଗ ପାଉଛନ୍ତି।

ଏହି ଅବସରରେ ଝୋଟି, ମେହେନ୍ଦି, ହୁଳହୁଳି, ସଙ୍ଗୀତ, ଚିତ୍ରାଙ୍କନ, କୌତୁକ ବେଶପୋଷାକ, ନୃତ୍ୟ, ଦଳଗତ ନୃତ୍ୟ, ତବଲା ବାଦନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଦୀପକ ରଞ୍ଜନ ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ, ସୁଶାନ୍ତ ପାଣି ପ୍ରମୁଖ ପରିଚାଳନା କରିଥିଲେ।

# ଏସ୍‌ଏଚ୍‌ଜିଙ୍କୁ ମତ୍ସ୍ୟ ଚାଷ ସମ୍ପର୍କିତ ପ୍ରଶିକ୍ଷଣ

**କାମାକ୍ଷାନଗର, ୧୨।୧(ଡି.ଏନ.ଏ.)**

କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କୁ ନେଇ ପଞ୍ଚାୟତ ପୋଖରୀରେ ମତ୍ସ୍ୟଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।

ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ମତ୍ସ୍ୟ ଅଧିକାରୀ ଦୀପ୍ତି କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହିଳାଙ୍କୁ ସଶକ୍ତ କରାଇବାକୁ ସରକାରୀସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାକୁ ଠିକ୍ ଢଙ୍ଗରେ ଆପଣାଇଲେ ପରିବାର ତଥା ଦେଶର ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ। ‘ୱାର୍ଲଡ ଫିଶ୍’ର ଜୋନାଲ ମ୍ୟାନେଜର ରେଶମା ନାୟକ, ଏସ୍‌ଏଚ୍‌ଜି ଜିଲା ପ୍ରକଳ୍ପ ସଂଯୋଜିକା ମୋନାଲିସା ଭଞ୍ଜ, ବ୍ଲକ ସଂଯୋଜିକା ବିଭାରାଣୀ ରାଉତ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱପ୍ନାଲିପା ସାହୁ, ଅନ୍ତର୍ଯ୍ୟାମୀ ନାୟକ, ମୌସୁମୀ ସ୍ୱାଇଁ, ସଞ୍ଜୀବ ଜେନା ପ୍ରମୁଖ ଉପସ୍ଥିତ ରହି ମତ୍ସ୍ୟ ଚାଷଭିତ୍ତିକ ବିଭିନ୍ନ ଯୋଜନା, ଆର୍ଥିକ ସହାୟତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ବ୍ଲକର ବହୁ ଏସ୍‌ଏଚ୍‌ଜି ସଦସ୍ୟ, ପ୍ରାଣୀମିତ୍ର ଉପସ୍ଥିତ ଥିଲେ।

## ■ନାଧରା ରାମଚଣ୍ଡୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

# କଳସଯାତ୍ରାରେ ସାମିଲ ହେଲେ ୩୦୦୮ ମହିଳା

**ଓଡ଼ାପଢ଼ା, ୧୨।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଢ଼ା ବ୍ଲକ ନାଧରା ରାମଚଣ୍ଡୀ ପୀଠରେ ରବିବାରଠାରୁ ଆରମ୍ଭ ହୋଇଛି ୨୪ତମ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ୧୫ ତାରିଖ ଯାଏ ଚାଲିବ। ଏହି ଉପଲକ୍ଷେ

■ସଂକୀର୍ତ୍ତନରେ କମ୍ପିଲା ପରିବେଶ
■୧୫ରେ ପୂର୍ଣ୍ଣାହୁତି

ଶନିବାର ବିଧିପୂର୍ବକ ଅଙ୍କୁରାରୋପଣ କରାଯାଇଥିଲା। ରବିବାର ପୂର୍ବାହ୍ନରେ ମା’ଙ୍କ ପୀଠରୁ ଆଜ୍ଞାମାଳ ରାଜପଥ ପାର୍ଶ୍ୱ ସ୍ୱପ୍ନେଶ୍ୱର ମନ୍ଦିରରେ ପହଞ୍ଚିବା ପରେ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ୩୦୦୮ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସ୍ୱପ୍ନେଶ୍ୱର ମନ୍ଦିର ନିକଟରୁ ଏହି କଳସ ଶୋଭାଯାତ୍ରା ବ୍ରାହ୍ମଣୀ ନଦୀ ତଟ ରାମଚଣ୍ଡୀ ପୀଠକୁ ଆସିଥିଲା। ଢେଙ୍କାନାଳ, ଅନୁଗୋଳ, କଟକ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଥିଲେ।

ପରେ ଧ୍ୱଜା ଉତ୍ତୋଳନ, ସାଲା ସଂସ୍କାର, ଶୁଭାଧିବାସ, ଘଟସ୍ଥାପନା ଆଦି ନୀତି କରାଯାଇଥିଲା। ୧୩ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ବାସ୍ତୁପୂଜା, ଆଦିତ୍ୟ ହୃଦୟ, ଚଣ୍ଡୀପାଠ, ଗୋକନକେଶ୍ୱର ମହାଦେବଙ୍କ ରୁଦ୍ରାଭିଷେକ, ଷୋଡ଼ଶ ଉପଚାର ପୂଜା ଓ ଯଜ୍ଞାନୁଷ୍ଠାନ ନୀତି ଅନୁଷ୍ଠିତ ହେବ। ସେହିପରି ୧୪ରେ ସୂର୍ଯ୍ୟପୂଜା, ଶନିଶ୍ଚରଦେବଙ୍କ ତୈଳାଭିଷେକ, ଷୋଡ଼ଶ ଉପଚାର ପୂଜା, ଯଜ୍ଞାନୁଷ୍ଠାନ କରାଯିବ। ୧୫ ତାରିଖରେ ମହାଯଜ୍ଞରେ ପୂର୍ଣ୍ଣାହୁତି ପୂର୍ବକ ପ୍ରସିଦ୍ଧ ଗୋକନକେଶ୍ୱର ପୀଠ ପରିସରରେ ମକର ଯାତ୍ରାର ଶୁଭାରମ୍ଭ ହେବ ବୋଲି ମା’ ରାମଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



କଳସ ଶୋଭାଯାତ୍ରାରେ ମହିଳାମାନେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ